ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଗୋଇନ୍ଦା ଉପନ୍ୟାସର ନାମକରଣଗତ ବୈଚିତ୍ର୍ୟ

**ପ୍ରତୀଚୀ ନନ୍ଦ**

ଉପନ୍ୟାସର କଳାପାକ୍ଷିକ ଉପଦାନଗୁଡ଼ିକ ମଧ୍ୟରୁ ନାମକରଣ ବୈଚିତ୍ର୍ୟ ଅନ୍ୟତମ ଉପାଦାନ । ନାମକରଣ ସ୍ୱାତନ୍ତ୍ର୍ୟ ଓ ଉତ୍କୃଷ୍ଟତା କୌଣସି ଦେବାଳୟର ନାଟମଣ୍ଡପ ପରି । ଯାହା ପାଠକକୁ ଆକର୍ଷଣେ ଅନ୍ତସ୍ଥ କଥାବସ୍ତୁ ପଠନ ନିମିତ୍ତ । ନାମକରଣ ମଧ୍ୟ ଏକ ଲେଖକୀୟ କୌଶଳ । ଯାହା କଥାକାରକୁ ପାରମ୍ପାରିକତାରୁ ମୁକ୍ତକରି ସ୍ୱତନ୍ତ୍ର ସ୍ଥାନୀୟ କରାଇପାରେ । ତେଣୁ ରଚନାର ନାମକରଣ ମଧ୍ୟ ଏକ ଆୟସସାଧ୍ୟ ବ୍ୟାପାର । ବହୁତ ଚିନ୍ତା ଭାବନା କରି ନାମକରଣ କରିବାକୁ ପଡ଼ିଥାଏ । ଏହି ନାମକରଣ ସାର୍ଥକତା ପ୍ରତିପାଦନ କରୁଥିବା ଆବଶ୍ୟକ । କଥାବସ୍ତୁ ସହିତ ଭାବ ସାମ୍ୟବାଦ ପ୍ରତ୍ୟକ୍ଷ ପରୋକ୍ଷ ସମ୍ପୃକ୍ତି ଆବଶ୍ୟକ । ଯାଦୃଚ୍ଛିକ ନାମକରଣ ଫଳରେ ରଚନା ମାନ ହାନି ଘଟିପାରେ । ରଚିତ ବିଷୟରୁ କଥାବସ୍ତୁ, ଭାବ ବା ଉଦ୍ଦେଶ୍ୟ ବାବଦରେ ନାମକରଣରୁ ହିଁ ଆଭାଷ ମିଳିଥାଏ ।

କେତେକ କ୍ଷେତ୍ରରେ ନାମକରଣରେ ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନାମକରଣ ସିଧାସଳଖ ବା ସରଳ ନ ହୋଇ ହୋଇଥାଏ ଭାବବ୍ୟଞ୍ଜକ, ପ୍ରତୀକାତ୍ମକ । ନାମକରଣର ଆଭିଧାନିକ ଅର୍ଥ ପ୍ରକାଶ ନପାଇ ପ୍ରତୀକ, ଚିତ୍ରକଳ୍ପ, ବ୍ୟଞ୍ଜନା, ଲକ୍ଷଣାର୍ଥ ଗୁରୁତ୍ୱ ଲଭେ । ଯାହା ଲେଖକୀୟ ପାରଦର୍ଶୀତାକୁ ଅଧିକ ସ୍ୱଷ୍ଟ ଭାବରେ ବ୍ୟକ୍ତ କରେ । ଚିତ୍ତଚଞ୍ଚଳ ନାମକରଣଟେ ମଧ୍ୟ ଆଗ୍ରହୀ କରାଇପାରେ ପାଠକକୁ ବିଷୟବସ୍ତୁ ଅଧ୍ୟୟନ ନିମନ୍ତେ ।

ଓଡ଼ିଆର ହାସ୍ୟରୋମାଞ୍ଚ ଧର୍ମୀ ଉପନ୍ୟାସ ରଚନାର ଗାଠନିକ ଦିଗରେ ନାମକରଣ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସାଧାରଣତଃ ସମ୍ଭ୍ରାନ୍ତ ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ବିଷୟବସ୍ତୁର ନାମକରଣ ତୁଳନାରେ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ଦିଗରେ ସ୍ୱାଦ ଭିନ୍ନତା ବେଶ୍ ବାରି ହୋଇପାଡ଼େ । ନାମକରଣ ଅଧ୍ୟୟନ ମାତ୍ରେ ହିଁ ତାହା ଯେ ଓଡ଼ିଆର ହାସ୍ୟରୋମାଞ୍ଚଧର୍ମୀ ଉପନ୍ୟାସଏହା ବୁଝିବାରେ ଦ୍ୱିଧା ଉପୁଜେ ନାହିଁ । ସାଧାରଣତଃ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନସ୍ୟାଗୁଡ଼ିକ ଅପରାଧ, ଅପରାଧି ଓ ତତ୍‌ସମ୍ପର୍କୀତ ରହସ୍ୟରୁ ଆଧାର କରି ରଚିତ ହେଉଥିବାରୁ ନାମକରଣରେ ମଧ୍ୟ ଏକ ଅପରାଧ ପ୍ରବଣତା, ବିଭତ୍ସତା ନାରକୀୟତାର ଗନ୍ଧ ସ୍ୱଷ୍ଟ ବାରି ହୋଇପଡ଼େ । ନାମକରଣ କରିବା ସମୟରେ ରହସ୍ୟ ଔପନ୍ୟାସିକମାନେ ବେଶ୍ ସତର୍କତାର ସହିତ କାର୍ଯ୍ୟ କରିଥାନ୍ତି । ଯଦ୍ୱାରା ନାମ ପଠନ ମାତ୍ରକେ ଅପରାଧର ଏକ ଚିତ୍ରପଟ୍ଟ ମାନସଲୋକରେ ଝଲସି ଉଠେ ।

ଓଡ଼ିଆରହାସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ବିଭିନ୍ନ ଦୃଷ୍ଟିକୋଣକୁ କେନ୍ଦ୍ରକରି କରାଯାଇଛି । କେତେକ ଉପନ୍ୟାସରେ ଘଟଣା ନାମକରଣର ଆଧାର ହୋଇଥିବାବେଳେ, କେତେକ ସ୍ଥଳରେ ଘଟଣା ଘଟୁଥିବା ସ୍ଥାନକୁ ନେଇ ରହସ୍ୟ ଉପନ୍ୟାସର ନାମକରଣ କରାଯାଏ । କେତେକ ସ୍ଥଳେ ମୁଖ୍ୟ ଚରିତ୍ରର ନାମାନୁଯାୟୀ, ତା'ର ଗୁଣାଗୁଣ ଅନୁରୂପ ନାମକରଣ କରାଯାଏ । ଘଟିତ ଘଟଣାର ସମୟ ବା କାଳଖଣ୍ଡକୁ ନେଇ ମଧ୍ୟ ଉପନ୍ୟାସ ନାମିତ । ଏପରି ଅନେକ ରହସ୍ୟ ଉପନ୍ୟାସ ରହିଛି ଯେଉଁଥିରେ ଅପରାଧି ଛାଡ଼ି ଯାଇଥିବା ଅଥବା ଅନୁସନ୍ଧାନକାରୀ ଖୋଜି ପାଇଥିବା କ୍ଲୁ ବା ଉତ୍ସକୁ ଆଧାର କରି ରହସ୍ୟ ଉପନ୍ୟାସର ନାମକରଣ କରାଯାଇଛି । ପ୍ରତୀକାତ୍ମକ ଓ ବିବରଣାତ୍ମକ ନାମକରଣ ମଧ୍ୟ ଏ ଧରଣର ଉପନ୍ୟାସ ନାମକରଣରେ ପରିଲକ୍ଷିତ ହୁଏ । ସେଗୁଡ଼ିକ ନିମ୍ନରେ ଆଲୋଚ୍ୟ-

**୧) ସ୍ଥାନ ଭିତ୍ତିକ ନାମକରଣ-**

ଉପନ୍ୟାସର କଥାବସ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଘଟିତ ଘଟଣାକୁ ଆଧାର କରି ଗତି କରିଥିଲେ ବା କଥାବସ୍ତୁର ମୁଖ୍ୟ ଘଟଣାଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଘଟୁଥିଲେ ସେହି ସ୍ଥାନକୁ

ଭିତ୍ତିକରି ଉପନ୍ୟାସର ନାମକରଣ ମଧ୍ୟ ତଦ୍‌ଅନୁରୂପ କରାଯାଇଥାଏ । ଏହି ପ୍ରକାରର ନାମକରଣ କରାଯାଇଥିବା ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ନାମିତ ସ୍ଥାନ କଥାବସ୍ତୁର ପ୍ରାଣକେନ୍ଦ୍ର ହୋଇଥାଏ । ଯେପରି – କସ୍ତୁରିଚରଣ ଦାସଙ୍କ ଦ୍ୱାରା ରଚିତ 'ନୀଳନିଳୟ' ଉପନ୍ୟାସରେ 'ନୀଳନିଳୟ' ନାମକ ସୁରମ୍ୟ ପ୍ରାସାଦରେ ଦୁଇ ଦୁଇଟି ହତ୍ୟା ହୁଏ । ହତ୍ୟାକୁ କେନ୍ଦ୍ରକରି ସମ୍ପୂର୍ଣ୍ଣ କଥାବସ୍ତୁ ଗତିକରେ । ଅନୁସନ୍ଧାନ ହୁଏ, ଦୋଷୀ ଧରାପଡ଼େ । କେବଳ ନୀଳନିଳୟରେ ରହଣିକାଳରେ ହିଁ ହତ୍ୟା ହୁଏ । ତେଣୁ ପାଠକ ମନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୀଳନିଳୟକୁ ନେଇ ଏକ ସଂଶୟ କାର୍ଯ୍ୟ କରେ । ତେଣୁ ଏହି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏପରି ନାମକରଣ କରାଯାଇଛି । ସେହିପରି – ବାସୁଦେବ ମିଶ୍ରଙ୍କ 'ପାନ୍ଥ ନିବାସ'(୧୯୩୩), ଆଶୁତୋଷ ରାୟଙ୍କ 'ରଙ୍ଗକୋଠିର ରହସ୍ୟ'(୧୯୫୨), 'ସୁନ୍ଦରବନରେ ଦସ୍ୟୁ'(୧୯୫୩), 'ହାଇଦ୍ରାବାଦର ଷଡ଼ଯନ୍ତ୍ର'(୧୯୫୪), ଯମେଶ୍ୱର ମିଶ୍ରଙ୍କ 'ତୋଫାନ୍‌ମେଲ୍' (୧୯୫୫), ଜୟକୃଷ୍ଣ ରାୟଙ୍କ 'ମାଡ୍ରାସମେଲରେଖୁଣ୍'(୧୯୫୫), କସ୍ତୁରୀଚରଣ ଦାସଙ୍କ 'ମିଡନାଇଟ ହୋଟେଲ'(୧୯୫୭), ହରିହର ପ୍ରସାଦ ପଟ୍ଟନାୟକଙ୍କ 'ଅପସରା ଭୁବନରେ ହତ୍ୟା'(୧୯୫୯), ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ପ୍ରେତପୁରୀର ଚିଠି'(୧୯୫୯), ଜଗନ୍ନାଥ ରଥଙ୍କ 'କଳାଘର'(୧୯୫୯) ଗୁଇନ୍ଦା ସାହେବଙ୍କ 'ଭୂତକୋଠିରେ ତାଣ୍ଡବ'(୧୯୬୦), 'ଗନ୍ତାଘରର ବିଭୀଷିକା' (୧୯୬୦), 'ମାନସପୁରୀର ଭୂତ'(୧୯୬୦), ଏସ ଏ ସମଦ୍‌ଙ୍କ 'ଗାର୍ଲସ୍ ହଷ୍ଟେଲ'(୧୯୬୨), ଅକ୍ଷୟ କୁମାର ମହାନ୍ତିଙ୍କ 'ନାଗାଲାଣ୍ଡରେ ଦୀପକ' (୧୯୬୬), 'ରତ୍ନଦ୍ୱୀପରେ ତାରଜନ'(୧୯୬୭) ଆଦି ପରି ଅନେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁ ମଧ୍ୟରେ ଘଟିତ ଘଟଣାର ସ୍ଥାନ ମହତ୍ତ୍ୱ ଲଭିଛି । ତେଣୁ ତାହାକୁ ଉପଜୀବ୍ୟ କରି ଉପନ୍ୟାସର ନାମକରଣ ସ୍ଥାନ ଭିତ୍ତିକ ହୋଇଛି ।

ସ୍ଥାନ ଭିତ୍ତିକ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ଘଟିତ ସମସ୍ତ ଅପରାଧର ପେଣ୍ଠସ୍ଥଳି ଉକ୍ତ ସ୍ଥାନ ହୋଇଥାଏ । ଅଥବା ଭିନ୍ନ ଭିନ୍ନ ସ୍ଥାନରେ ହତ୍ୟା ଘଟୁଥିଲେ ହେଁ ତାହାର ନାମକରଣ ବା ସମ୍ବନ୍ଧ ଉକ୍ତ ସ୍ଥାନ ସହ ରହିଥାଏ । ଏପରି ମଧ୍ୟ କେତେକ ଉପନ୍ୟାସରେ ଦେଖାଯାଏ ଯେ, ସମସ୍ତ ଅପରାଧର ମୁଖ୍ୟ ଅଭିଯୁକ୍ତର ଗୁପ୍ତଘାଟି ହେଉଛି ଏକ ନିର୍ଦ୍ଦିଷ୍ଟ ସ୍ଥାନ । ଯେଉଁଠାରେ ଛଦ୍ମବେଶରେ ନିଶାର୍ଦ୍ଧ ରାତ୍ରିରେ ଯୋଜନା ପ୍ରସ୍ତୁତ ହୁଏ ସମସ୍ତ ଅପରାଧ ଘଟାଇବା ଉଦ୍ଦେଶ୍ୟରେ । ଏପରି ସ୍ଥଳରେ କଥାବସ୍ତୁର ସମସ୍ତ ଶାଖା, ପ୍ରଶାଖା ପ୍ରକାରାନ୍ତରେ ଉକ୍ତ ସ୍ଥାନ ସହିତ ନିଜର ସଂପୃକ୍ତି ଜାରି ରଖନ୍ତି । ଯଦ୍ୱାରା ପାଠକର ମାନସ ଚକ୍ଷୁରେ ଉକ୍ତ ନିର୍ଦ୍ଦିଷ୍ଟ ସ୍ଥାନ ବାରମ୍ବାର ସମ୍ମୁଖୀକୃତ ହୁଏ । ଫଳତଃ ସ୍ୱତଃ ସେହି ସ୍ଥାନଟିର ଭୂମିକା କଥାବସ୍ତୁକୁ ଅଧିକ ପ୍ରାଣବନ୍ତ ଓ ଚିତ୍ତାକର୍ଷକ କରାଏ । ତେଣୁ ପଠନ କାଳରେ ପାଠକ କଥାବସ୍ତୁକୁ ଆସ୍ୱାଦନ କରିବା ସହିତ ନାମକରଣଗତ ଯଥାର୍ଥତାକୁ ହୃଦ୍‌ବୋଧ କରିପାରେ । ଉପନ୍ୟାସ ବର୍ଣ୍ଣିତ ସ୍ଥାନଟି ଏତେ ମହତ୍ତ୍ୱପୂର୍ଣ୍ଣ ହୋଇଉଠେ ଯେ, କଥାବସ୍ତୁରୁ ଉକ୍ତ ସ୍ଥାନଟିକୁ ବାଦ୍ ଦେଲେ ହୁଏତ ଉପନ୍ୟାସ ନିଜର ଗୌରବ ହରାଇ ବସିବ । ଏ ଧରଣର ଉପନ୍ୟାସରେ ବର୍ଣ୍ଣିତ ଘଟଣା ସ୍ଥାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

**୨) କାଳଭିତ୍ତିକ ନାମକରଣ-**

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏପରି କେତେକ ନାମକରଣ ହୋଇଥିବାର ଦେଖାଯାଏ, ଯାହା ସମୟ ବା କାଳଖଣ୍ଡ ଆଧାରିତ । ଯେପରି- ଆଶୁତୋଷ ରାୟଙ୍କ 'କାଳରାତ୍ରି'(୧୯୫୨), କସ୍ତୁରୀ ଚରଣ ଦାସଙ୍କ 'ଦିନେ ରାତିରେ'(୧୯୫୪), ଯମେଶ୍ୱର ମିଶ୍ରଙ୍କ 'ନୀଳରାତିର ଉଲ୍‌କା', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'କାଳରାତ୍ରିର ବିଭୀଷିକା' ଆଦି ପରି ଉପନ୍ୟାସଗୁଡ଼ିକର ନାମକରଣ ଉକ୍ତ କଥାବସ୍ତୁର କାଳକୁ ଭିତ୍ତିକରି କରାଯାଇଛି ।

ସମଗ୍ର ଉପନ୍ୟାସର କଥାବସ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ କାଳଖଣ୍ଡ ବା ସମୟ ମଧ୍ୟରେ ଘଟେ । ଅଥବା ଗୋଟିଏ ସମୟରେ ଏକାଧିକ ଘଟଣା ଘଟେ ବା ବର୍ଣ୍ଣିତ କଥାବସ୍ତୁରେ ଉକ୍ତ କାଳ ବା ସମୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ କଥାବସ୍ତୁକୁ ବଳିଷ୍ଠ କରିବା ଦିଗରେ । ଏପରି କ୍ଷେତ୍ରରେ ଉକ୍ତ ବା ସମୟ ଓ କାଳଖଣ୍ଡର ଅପରିହାର୍ଯ୍ୟତାକୁ ଆଖି ଆଗରେ ରଖି କଥାକାର ଉପନ୍ୟାସର ନାମକରଣ କାଳଭିତ୍ତିକ କରିଥାନ୍ତି । କସ୍ତୁରୀ ଚରଣ ଦାସଙ୍କ ଦ୍ୱାରା ଲିଖିତ 'ଦିନେ ରାତିରେ' ଉପନ୍ୟାସରେ ଦିନେ ରାତିରେ ହତ୍ୟା ହୁଏ । ହତ୍ୟା ଭାରି ରହସ୍ୟଜନକ ଭାବରେ ଘଟେ । ହତ୍ୟାକାରୀର ଉଦ୍ଦେଶ୍ୟ ଧନଚୋରୀ, ପ୍ରତିଶୋଧ ଆଦି ପରି ଲାଗେ ନାହିଁ । ଶବର ଦେହରେ ହତ୍ୟାର କୌଣସି ଚିହ୍ନ ନଥାଏ, ଗଳାରେ କେବଳ ଦୁଇଟି ବିଚିତ୍ର ଦନ୍ତାଘାତର ଚିହ୍ନ । ହଠାତ୍ ଗୋଟେ କଳାଛାୟିସରଣାନ୍ତକ ଆକ୍ରମଣ କରି ଖସି ପଳାଏ । ତାହାର ପଶ୍ଚାତ୍‌ଧାବନ କରୁ କରୁ ପହଞ୍ଚେ ଗୋଟେ ଘରେ । ଭିତରକୁ ଯିବା ପରେ ସେ ଘର ଅଦ୍ଭୁତ ଲାଗେ । ଦିନରେ ଘରର ପରିବେଶ

ଅଲଗା ପ୍ରକାର ହେଲେ ରାତ୍ରି ହେଲେ ବଦଳି ଯାଏ ସବୁ କିଛି । ପରେ ଅପରାଧୀ ଧରାପଡ଼େ ।ବାସ୍ତବିକ କିନ୍ତୁ ହତ୍ୟା ହୁଏ ଗୋଟିଏ ବଣ ବିଲେଇ ଦ୍ୱାରା । ଯାହା ନିର୍ଦ୍ଦେଶରେ ହୁଏ ସେ ହିଁ ମୁଖ୍ୟ ଅପରାଧୀ । ଏ ସମସ୍ତ ଘଟଣା କିନ୍ତୁ ଘଟେ ରାତିରେ । ତେଣୁ ଉପନ୍ୟାସର ନାମକରଣ 'ଦିନେ ରାତିରେ' ହୋଇଛି ।

**୩) ଚରିତ୍ରଭିତ୍ତିକ ନାମକରଣ-**

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ଚରିତ୍ରଭିତ୍ତିକ ନାମକରଣ ହୋଇଥିବାର ନିଦର୍ଶନ ସର୍ବାଧିକ । ରହସ୍ୟ ଉପନ୍ୟାସରେ ଚରିତ୍ରଙ୍କର ବେଶ୍ ଗୁରତ୍ୱ ରହିଥାଏ କଥାବସ୍ତୁକୁ ପରିଣତି ପର୍ଯ୍ୟନ୍ତ ଗତି କରାଇବାରେ । ସେଥିମଧ୍ୟରେ ରହିଥାନ୍ତି ଅନୁସନ୍ଧାନକାରୀ, ଅଭିଯୁକ୍ତ, ଦୁର୍ଘଟଣାର ଶୀକାର ହୋଇଥିବା ବ୍ୟକ୍ତି ଅଥବା ଅସାଧ୍ୟ ସାଧନ କରିପାରୁଥିବା କୌଣସି ଦୁଃସାହସିକ ଚରିତ୍ର । ଯାହାର କାର୍ଯ୍ୟ ଆଇନତଃ ଦଣ୍ଡନୀୟ ହେଲେ ହେଁ ଉଦ୍ଦେଶ୍ୟ ଜନହିତକର । ତେଣୁଏହି ଧରଣର ଚରିତ୍ରଙ୍କୁ ମଧ୍ୟ ଅଧିକ ଉପଯୁକ୍ତ ଓ ସାର୍ଥକ ମନେ ହୋଇଥାଏ ।

ଏହି ଧରଣର ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ସମଗ୍ର କଥାବସ୍ତୁ ଉକ୍ତ ନିର୍ଦ୍ଦିଷ୍ଟ ଚରିତ୍ରର କାର୍ଯ୍ୟାବଳୀ, ଅନୁସନ୍ଧାନ ବା ଦୁଃସାହସିକ ଦକ୍ଷତା ଚିତ୍ରାୟନ ପୂର୍ବକ ପୂର୍ଣ୍ଣତା ଲାଭ କରିଥାଏ । କଥାବସ୍ତୁ ମଧ୍ୟରୁ ଉକ୍ତ ଚରିତ୍ରଟିକୁ ବାଦ ଦେଲେ ଉପନ୍ୟାସର ସମଗ୍ର କଥାବସ୍ତୁ ତାର ଗତିଶୀଳତା ଓ ଶୈଳ୍ପିକ ଗୌରବ ହରାଇ ବସିବ । ଚରିତ୍ରଭିତ୍ତିକ ନାମକରଣ କରାଯାଇଥିବା ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଗୁଡ଼ିକରେ ଯେଉଁ ଧରଣର ଚରିତ୍ରଙ୍କୁ ଭିତ୍ତିକରି ନାମକରଣ କରାଯାଇଛି ସେମାନେ ହେଲେ-

**କ) ଅନୁସନ୍ଧାନକାରୀ-**

ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ଘଟିବା ପରେ କଥାବସ୍ତୁ ଗତିକରେ ଅନୁସନ୍ଧାନକାରୀ ବା ଗୋଇନ୍ଦା ଚରିତ୍ର ମାଧ୍ୟମରେ । ତେଣୁ ଉକ୍ତ ଚରିତ୍ରର ଧୀଶକ୍ତି, ବିଶ୍ଳେଷଣ ଦକ୍ଷତା, ଦୂରଦୃଷ୍ଟି, ପାରଙ୍ଗମତା ଆଦି ଦ୍ୱାରା ଅପରାଧୀର ମୂଳବିନ୍ଦୁ ଆବିଷ୍କାରିବା ଦ୍ୱାରା କଥାବସ୍ତୁ ପରିଣତି ଲାଭ କରେ । ତେଣୁ କେତେକ ରହସ୍ୟ ଉପନ୍ୟାସର ନାମକରଣ ଅନୁସନ୍ଧାନକାରୀ ବା ଗୋଇନ୍ଦାଙ୍କ ନାମ ବା ପଦବୀ ଅନୁସାରେ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ଗୋବିନ୍ଦ ତ୍ରିପାଠୀଙ୍କ 'ଗୋଇନ୍ଦା ଗଦାଧର', 'ଚତୁର ଗଦାଧର', ଜୟକୃଷ୍ଣ ରାୟଙ୍କ 'ଆଦର୍ଶ ଗୋଇନ୍ଦା', ଯମେଶ୍ୱର ମିଶ୍ରଙ୍କ 'ୟଙ୍ଗ ଡିଟେକ୍‌ଟିଭ', କସ୍ତୁରୀ ଚରଣ ଦାସଙ୍କ 'ସି.ଆଇ.ଡ଼ି' ଆଦି ଉପନ୍ୟାସ ଅନ୍ୟତମ ।

ଗୋବିନ୍ଦ ତ୍ରିପାଠୀଙ୍କ 'ଗୋଇନ୍ଦା ଗଦାଧର' ଓ 'ଚତୁର ଗଦାଧର' ଦୁଇଟି ପର୍ଯ୍ୟାୟକ୍ରମିକ ଉପନ୍ୟାସହୋଇଥିବାରୁ ଏଥିରେ ଅନୁସନ୍ଧାନକାରୀ ଗଦାଧର ଚରିତ୍ରସ୍ଥିର ।ଚୋରୀ ଓ ହତ୍ୟାକୁକେନ୍ଦ୍ରକରି କଥାବସ୍ତୁ ପରିକଳ୍ପିତହୋଇଥିଲେହେଁ ଗଦାଧରଙ୍କକଳ୍ପନା ପ୍ରବଣତା ଓ ଆନୁମାନିକତା ବେଶ୍‌ଚକ୍‌କୃତକରେ ।ତେଣୁତାଙ୍କ ନାମାନୁସାରେ ଉପନ୍ୟାସର ନାମକରଣଏହି ପ୍ରକାରହୋଇଛି ।

**ଖ) ଅଣନାୟକ-**

କେତେକ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଗୋଇନ୍ଦା ଚରିତ୍ର ତୁଳନାରେ କୌଣସି ଦୁଃସାହସିକ ଚରିତ୍ରର କାର୍ଯ୍ୟାବଳୀ ଓ ଦର୍ପ କଥାବସ୍ତୁର କେନ୍ଦ୍ରବିନ୍ଦୁ ହୋଇଥାଏ । ଏଥିରେ ଚରିତ୍ର ଦ୍ୱାରା କୃତକାର୍ଯ୍ୟ ଗୁଡ଼ିକ ସାମ୍ବିଧାନର ନୀୟମାବଳି ଅନୁଯାୟୀ ଅପରାଧ ପର୍ଯ୍ୟାୟଭୁକ୍ତ ହୋଇଥିଲେ ହେଁ ସମାଜରେ ସେ ପୂଜ୍ୟ । ଚୋରୀ, ଡକାୟତି ପରି କାର୍ଯ୍ୟ କରୁଥିଲେ ମଧ୍ୟ ତା ପଛରେ ସମାଜ କଲ୍ୟାଣ ପରି ଏକ ମହତ ଉଦ୍ଦେଶ୍ୟ ନିହିତ ଥିବାରୁ ସେ ଉପନ୍ୟାସରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି । ତେଣୁ ଉକ୍ତ ଚରିତ୍ରକୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଚରିତ୍ରର ନାମାନୁଯାୟୀ ଉପନ୍ୟାସର ନାମକରଣ କରିଥାନ୍ତି ଉପନ୍ୟାସକାର ।

ଓଡ଼ିଆ ସାହିତ୍ୟରେ ନାୟକ ଗୁଣ, ଧର୍ମ, କର୍ମ ଓ ସଂଜ୍ଞା ଯାହା ଆମେ ପଢ଼ିଛେ ସେହି ଦୃଷ୍ଟିକୋଣରୁ ଉପନ୍ୟାସର କଥାବସ୍ତୁରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ହେଁ ଏହି ପ୍ରକାର ଚରିତ୍ର ନାୟକ ପର୍ଯ୍ୟାୟଭୁକ୍ତ ନୁହେଁ । ପାଶ୍ଚାତ୍ୟ ସାହିତ୍ୟର ବ୍ୟାଖ୍ୟା ଅନୁଯାୟୀ ଏ ଧରଣ ଚରିତ୍ର ମୁଖ୍ୟ ଚରିତ୍ର ହୋଇଥିଲେ ହେଁ ଅଣନାୟକ ଭାବରେ ଅଲୋଚ୍ୟ । ଦ୍ୱାରିକାନାଥ ଦାସଙ୍କ 'ରବିନ୍ ସରିଜ୍'ର ପ୍ରତ୍ୟେକ ଖଣ୍ଡ, ଅକ୍ଷୟ କୁମାର ମହାନ୍ତିଙ୍କ 'ତାରଜନ ସିରିଜ୍'ର ପ୍ରତ୍ୟେକ ଖଣ୍ଡ, ଆଶୁତୋଷ ରାୟଙ୍କ 'ସୁନ୍ଦର ବନର ଦସ୍ୟୁ', ଭୂପେନ୍ ଗୋସ୍ୱାମୀଙ୍କ 'ଟାରଜନ ସିରିଜ'ର ପ୍ରତ୍ୟେକ ଖଣ୍ଡ ଆଦି ପରି ଉପନ୍ୟାସଗୁଡ଼ିକରେ ଅଣନାୟକ ନାମାନୁସାରେ ଉପନ୍ୟାସର ନାମକରଣ କରାଯାଇଛି ।

ଏ କ୍ଷେତ୍ରରେ ନାରୀ ଚରିତ୍ର ଅର୍ଥାତ୍ ଅଣନାୟିକାର ନାମାନୁସାରେ ମଧ୍ୟ ନାମକରଣ କରାଯାଇଥିବାର ନିଦର୍ଶନ ଦୁର୍ଲଭ ନୁହେଁ । ଏ କ୍ଷେତ୍ରରେ ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ମୀରାସିରିଜ'ର ପ୍ରତ୍ୟେକ ଖଣ୍ଡ, ରାଜେନ୍ଦ୍ର ବର୍ମାଙ୍କ 'ଚନ୍ଦ୍ରାସିରିଜ'ର ପ୍ରତ୍ୟେକ ଖଣ୍ଡ, ବିଜୟ କୁମାର ରଣାଙ୍କ 'ଫୁଲନ୍‌ସିରିଜ'ର ପ୍ରତ୍ୟେକ ଖଣ୍ଡର ନାମକରଣ ଅଣନାୟିକାର ନାମାନୁସାରେ ଔପନ୍ୟାସିକ ଉପନ୍ୟାସ ନାମକରଣ କରିଥିବା ଲକ୍ଷ୍ୟ କରାଯାଏ ।

'ମୀରାସିରିଜ'ରେ ଏଗାର ଖଣ୍ଡ ଉପନ୍ୟାସ ରହିଛି । ଏଥିରେ ଦସ୍ୟୁ ନାୟିକା ମୀରା ଯାବତୀୟ ଦୁଃସାହସିକ କାର୍ଯ୍ୟକରି ଗରିବ, ଦୁଃଖୀ ବା ନିସହାୟଙ୍କ ଉପକୃତ ନିମନ୍ତେ ବ୍ୟୟ କରିଥାନ୍ତି । ତେଣୁ ଉପନ୍ୟାସଗୁଡ଼ିକର ନାମକରଣ ତଦ୍ ଅନୁରୂପ ହୋଇଛି ।

**ଗ) ଅଭିଯୁକ୍ତର ନାମ ଅନୁଯାୟୀ-**

ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁ ଗତି କରିବା ନିମିତ୍ତ ଲୋଡ଼ା ପଡେ଼ ଘଟଣା ଓ ଘଟଣା ଘଟାଉଥିବା ଚରିତ୍ର । ଦୁର୍ଘଟଣା ଘଟିବା ପରଠାରୁ କଥାବସ୍ତୁରେ ସମାଧାନ, ଗ୍ରନ୍ଥିମୋଚନ ପର୍ଯ୍ୟନ୍ତ ଅପରାଧୀ ବା ମୁଖ୍ୟ ଅଭିଯୁକ୍ତ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଅନ୍ୟ ଘଟଣାମାନ ଘଟାଇ ଚାଲେ । ସହକର୍ମୀ, ଚାକ୍ଷୁସ ପ୍ରମାଣ ଆଦିକୁ ନଷ୍ଟ କରିବାର ଚେଷ୍ଟା, ଅପରାଧୀ ପାଖରେ ପହଞ୍ଚିବା ପାଇଁ ସମ୍ଭାବନାର ସବୁ ରାସ୍ତା ବନ୍ଦ କରିବାର ବୌଦ୍ଧିକ ପ୍ରୟାସ କରେ । ତାହା ହିଁ ଉନ୍ମାଦକ ସୃଷ୍ଟି କରେ ପାଠକ ମନରେ । ଫଳତଃ ଅଭିଯୁକ୍ତ ଚରିତ୍ରଟି ଅଧିକ ଗ୍ରହଣୀୟ ହୋଇପଡ଼େ । ତେଣୁ କେତେକ ଉପନ୍ୟାସରେ ରହସ୍ୟ କଥାକାରମାନେ ମୁଖ୍ୟ ଅବିଯୁକ୍ତର ନାମ ଅନୁଯାୟୀ ନାମକରଣ କରିଥାନ୍ତି । ସେହିପରି କେତେକ ଉପନ୍ୟାସ ହେଲା- ବାମ ଚରଣ ମିତ୍ରଙ୍କ 'ନରଛଞ୍ଚାଣ', ଲକ୍ଷ୍ମୀପ୍ରସାଦ ଗରଡ଼ିଆଙ୍କ 'ଦସ୍ୟୁ ଟିଉସନ୍ ମାଷ୍ଟର', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ନର ରାକ୍ଷାସ', ରଘୁନାଥ ମହାନ୍ତିଙ୍କ 'ଜାପାନୀ ଡ଼ାକୁ', ମଦନ ମୋହନଙ୍କ 'ଦାନବୀ ମିସ୍‌ମାଲା', ଅଦୈତ ପ୍ରସାଦ ଦାଶଙ୍କ 'କାବୁଲି ଡ଼ାକୁ', ଅଶୁତୋଷ ରାୟଙ୍କ 'ଓରଫ ହରମାନ ସିଂ', ପ୍ରମୋଦ କିଶୋର ପଣ୍ଡାଙ୍କ 'ରାକ୍ଷାସୀ ଗ୍ରେଚନା' ଆଦି । କେତେକ କ୍ଷେତ୍ରରେ ମୁଖ୍ୟ ଅପରାଧୀ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ନିଜର ପ୍ରକୃତ ପରିଚୟ ଗୋପନ ରଖି କୌଣସି ଛଦ୍ମ ନାମରେ (ସାଂକେତିକ ଶବ୍ଦ)ର ବ୍ୟବହାର କରିଥାନ୍ତି । ସେହିପରି ଛଦ୍ମନାମ ଅନୁସାରେ ମଧ ଉପନ୍ୟାସର ନାମକରଣ ହୋଇଥାଏ । ବାମଚରଣ ମିତ୍ରଙ୍କ 'ନରଛଞ୍ଚାଣ' ଉପନ୍ୟାସର ମୁଖ୍ୟ ଅଭିଯୁକ୍ତର ଛଦ୍ମନାମ ହେଉଛି 'ନରଛଞ୍ଚାଣ' । ନିଜର ପ୍ରକୃତ ନାମ, ପରିଚୟ ଓ ଚେହେରାକୁ ଆବୃତ୍ତ ରଖି 'ନରଛଞ୍ଚାଣ' ନାମରେ ଜଗତରେ ପରିଚିତ ହୋଇଥିଲେ । ତେଣୁ ଉପନ୍ୟାସର ନାମକରଣ ତଦ୍ ଅନୁରୂପ ହୋଇଛି ।

**ଘ) ସହଯୋଗୀ ଅଭିଯୁକ୍ତର ନାମାନୁଯାୟୀ-**

କଥାବସ୍ତୁ ଘଟଣାକ୍ରମ ଦେଇ ଗତ କରିବା ନିମିତ୍ତ ମୁଖ୍ୟଚରିତ୍ର ଓ ଗୌଣ ଚରିତ୍ରଙ୍କ ଆବଶ୍ୟକତା ରହିଛି । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସସ୍ଥ କଥାବସ୍ତୁ ଉପସ୍ଥାପନା କାଳରେ କେତେକ କ୍ଷେତ୍ରରେ କୌଣସି ସହଯୋଗୀ ଚରିତ୍ର ବା କାହାଣୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନୁସନ୍ଧାନକାରୀର ସନ୍ଦେହ ଘେରରେ ରହୁଥିବାରୁ ଚରିତ୍ର ଅଥବା ବାରମ୍ବାର ପାଠକଙ୍କୁ ସନ୍ଦେହ ଆକର୍ଷଣ କରୁଥିବା ଚରିତ୍ର ସ୍ମରଣୀୟ ହୋଇଯାଏ । ଏପରି କ୍ଷେତ୍ରରେ ଔପନ୍ୟାସିକ ନାମକରଣ କ୍ଷେତ୍ରରେ ଦୁଃସାହସିକତା ପ୍ରଦର୍ଶନ କରି ଉକ୍ତ ସହଯୋଗୀ ଚରିତ୍ରର ନାମ ଅନୁସାରେ ଉପନ୍ୟାସର ନାମକରଣ କରିଥାନ୍ତି । ଯେପରି- କଣ୍ଠୁରୀ ଚରଣ ଦାସଙ୍କ 'ମିସ୍ ଅଳକାନନ୍ଦା', 'ନିଶିଗନ୍ଧା', 'ବିଚିତ୍ର ବର୍ଣ୍ଣନା' ଗୁଇନ୍ଦା ସାହେବଙ୍କ 'ବ୍ରାଞ୍ଚ ମ୍ୟାନେଜର', ଅକ୍ଷୟ କୁମାର ମହାନ୍ତିଙ୍କ 'ନିଲୋଫରହଜାରିକା', ପ୍ରମୋଦ କିଶୋର ପଣ୍ଡାଙ୍କ 'ଚୀନା ସୁନ୍ଦରୀ ସାନି', ଗିରିଧାରୀ ମହାରଣାଙ୍କ 'ବିଉଟି କୁଇନ୍' ଆଦି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଗୁଡ଼ିକରେ ସହଯୋଗୀ ଅଭିଯୁକ୍ତର ନାମକୁ କେନ୍ଦ୍ରକରି ନାମକରଣ କରାଯାଇଛି ।

କେତେକ କ୍ଷେତ୍ରରେ ସହଯୋଗୀ ଅଭିଯୁକ୍ତ ଚରିତ୍ର ହୋଇନଥିଲେ ମଧ ଅପରାଧୀର ଷଡ଼ଯନ୍ତ୍ରର ଅଂଶ ବା ଲକ୍ଷ୍ୟ ହୋଇଥାଏ । ଅଥବା କୌଣସି ଅପରାଧର ଅଜ୍ଞାତ ସାକ୍ଷୀ ହୋଇଥାଏ । ମାତ୍ର କଥାବସ୍ତୁରେ ଅଧିକାଂଶ ଥର ପାଠକ ସମ୍ମୁଖୀକୃତ ହେବା ଦ୍ୱାରା ମୁଖ୍ୟଚରିତ୍ର ଅପେକ୍ଷା ଉକ୍ତ ଗୌଣ ଚରିତ୍ରଟି ସଂଶୟ ଓ ସନ୍ଦେହର କେନ୍ଦ୍ର ପାଲଟିଯାଏ । ତେଣୁ ଉପନ୍ୟାସର ନାମକରଣ ଉକ୍ତ ଗୌଣଚରିତ୍ର ଅନୁଯାୟୀ କରାଗଲେ ମଧ ତାହା ପାଠକଙ୍କୁ ଯଥାର୍ଥ ମନେହୁଏ ।

**୪) ଘଟଣା ଅନୁଯାୟୀ-**

ସାଧାରଣତଃ ଘଟଣା ପ୍ରଧାନ ଓଡ଼ିଆରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସଗୁଡ଼ିକରେ ଘଟଣାକୁ କେନ୍ଦ୍ରକରି ଔପନ୍ୟାସିକ ଉପନ୍ୟାସର ନାମକରଣ କରିଥାନ୍ତି । ଏଥିରେ ଉପନ୍ୟାସସ୍ଥ କଥାବସ୍ତୁର ଆମୂଳଚୂଳ ଗତିଶୀଳତା ଏକ ନିର୍ଦ୍ଦିଷ୍ଟ ଘଟଣା ବା ଅଘଟଣକୁ କେନ୍ଦ୍ର କରିଥାଏ । ଏଥିରେ ଚରିତ୍ର ତୁଳନାରେ ଘଟଣା ବା ଘାଟନିକ ରହସ୍ୟ ଅଧିକ ମହତ୍ତ୍ୱ ଲାଭ କରିଥାଏ । ତେଣୁ ଘଟଣା ଅନୁଯାୟୀ ଉପନ୍ୟାସର ନାମକରଣ କରାଯାଇଥାଏ । ଯେପରି- ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ଶ୍ମଶାନରେ ନରହତ୍ୟା', ଜୟକୃଷ୍ଣ ରାୟଙ୍କ 'ମାଡ୍ରାସ ମେଲ୍‌ରେ ଖୁନ୍', ଗୋବିନ୍ଦ ଗୋପାଳ ଦାସଙ୍କ 'ଖୁନିର ପ୍ରତିଶୋଧ', ଆଶୁତୋଷ ରାୟଙ୍କ 'ମୌନ ପାହାଡ଼ର ବିଭୀଷିକା', ଭୂପେନ ଗୋସ୍ୱାମୀଙ୍କ 'ଆତ୍ମହତ୍ୟା', ଗିରିଧାରୀ ମହାରଣାଙ୍କ 'ଅନ୍ଧକାରର ଆଗନ୍ତୁକ', 'ନିଖୋଜ ସ୍ୱପ୍ନା', ପଦ୍ମଚରଣ ମିଶ୍ରଙ୍କ 'ରଞ୍ଜନାର ହତ୍ୟା', ଅମଳା କରଙ୍କ 'ଉପତ୍ୟାକାର ଆତଙ୍କ' ଆଦି ଉପନ୍ୟାସର ନାମକରଣ ଏହି ଧରଣର ।

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କୌଣସି ସଂଖ୍ୟାକୁ ନେଇ କରାଯାଇଥିବାର ନଜିର ହୁଏ । ଏହି ସଂଖ୍ୟା ରୁମ୍ ନଂ., ଲକର ନଂ, ବେଡ଼ ନଂ, ଶବ ସଂଗ୍ରହାଳୟର ଷ୍ଟାକ ନମ୍ବର, ତାସକାର୍ଡ଼ର ନମ୍ବରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ଉପନ୍ୟାସସ୍ଥ କଥାବସ୍ତୁ ମଧ୍ୟରେ । ଏହାଦ୍ୱାରା ମୁଖ୍ୟ ଅଭିଯୁକ୍ତ ନିକଟରେ ପହଞ୍ଚିପାରେ ଅନୁସନ୍ଧାନକାରୀ । ତେଣୁ ନାମକରଣରେ ସ୍ୱତନ୍ତ୍ରତା ତଥା ଉକ୍ତ ସଂଖ୍ୟାକୁ ହାଇଲାଇଟ୍ କରାଯିବା ଉଦ୍ଦେଶ୍ୟରେ ଔପନ୍ୟାସିକ ଉକ୍ତ ସଂଖ୍ୟା ଅନୁଯାୟୀ ନାମକରଣ କରିଥିବାର ଦେଖାଯାଏ । ଯେପରି- ରତ୍ନାକର ନାୟକଙ୍କ 'ନାଇଣ୍ଟିଟୁ', କଣ୍ଡୁରୀ ଚରଣ ଦାସଙ୍କ '୩୦୩ ରିଭାଲଭାର', 'ଏକ ଦୁଇତିନ', ମୃତ୍ୟୁଞ୍ଜୟ ମିଶ୍ରଙ୍କ 'ଗୋଲଡ଼ ମେଡ଼ାଲ୍ ୦୦୯', ଗିରିଧାରୀ ମହାରଣାଙ୍କ 'ଲକର ୭୧୭', କୁମାରୀ ସବର୍ଣ୍ଣଙ୍କ 'ଫର ଫ୍ଲାଟ', ପ୍ରମୋଦ କିଶୋର ପଣ୍ଡାଙ୍କ 'ରବର୍ବ ଏଇଟ ଓ୍ୱାନ', କିଶାନ ପଟ୍ଟନାୟକଙ୍କ 'ଡବଲ ଜିରୋ', ବି. ଏନ୍. ଶ୍ରୀକାନ୍ତ ପଟ୍ଟନାୟକଙ୍କ 'ସ୍ମଗଲିଂଏଜେଣ୍ଟ ବାରଶହ ତିନି' ଆଦି ଉପନ୍ୟାସଗୁଡ଼ିକଏହି ପର୍ଯ୍ୟାୟଭୁକ୍ତ ।

ନାମକରଣ ହିଁ ଉକ୍ତ ସଂଖ୍ୟାର ଉପନ୍ୟାସ ବର୍ଣ୍ଣିତ ହତ୍ୟା ବା ଅପରାଧ ରହସ୍ୟ ସହ ସଂପୃକ୍ତ ବ୍ୟକ୍ତି ହୋଇଥାଏ । ଯଦ୍ୱାରା ପାଠକ ମନରେ ଅଧିକ ବ୍ୟଗ୍ରହତା ଫୁଟିଉଠେ ଅନୁସନ୍ଧାନକାରୀର କ୍ରିୟା ପ୍ରକ୍ରିୟା ଓ ଅପରାଧୀକୁ ଖୋଜି ବାହାର କରିବା ଭିତରର କଥାବସ୍ତୁ ଜାଣିବା ପାଇଁ ।

### ୬) ସାଂକେତିକ ନାମକରଣ-

ଓଡ଼ିଆ ସାହିତ୍ୟରେ ଅନ୍ୟାନ୍ୟ ଉପନ୍ୟାସ ତୁଳନାରେ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ସାଂକେତିକ ନାମକରଣର ସୁଯୋଗ ରହିଥାଏ । ଏଥିରେ କଥାବସ୍ତୁ ଏପରି ଗତି କରିଥାଏ ଯେ, ଅପରାଧୀର କାର୍ଯ୍ୟଧାରା ଅନୁମୋଦିତ ସଂକେତ ବାରମ୍ବାର ପ୍ରାପ୍ତ ହୋଇଥାଏ । ନିଜର ବୌଦ୍ଧିକତା ଓ ପରାକାଷ୍ଠାକୁ ବ୍ୟକ୍ତ କରିବା ପାଇଁ ଯେପରି ଅନୁସନ୍ଧାନକାରୀକୁ ଅପରାଧୀ ଚ୍ୟାଲେଞ୍ଜ ଦିଏ । ମାତ୍ର ନାମକରଣ କ୍ଷେତ୍ରରେ ଏ ଧରଣର ନାମ ବିଷୟବସ୍ତୁ ପଠନ ପୂର୍ବରୁ ହିଁ ଏକ ଚେତାବନୀ ବା ସତର୍କ ବାର୍ତ୍ତା ପରି ମନେହୁଏ । ରହସ୍ୟ ଉପନ୍ୟାସର ନାମକରଣ ପଠନ ମାତ୍ରେ ହିଁ ମନେହୁଏ ଯେପରି କିଛି ଗୋଟେ ଅଘଟଣ ଘଟିବାର ଅଛି । କୌଣସି ଘଟଣା ଅପରାଧ ବା ଅନ୍ୟ କୌଣସି ଏକ ଜଟିଳ ପରିସ୍ଥିତି ଘଟିବା ଅପେକ୍ଷାରେ ରହିଛି । ସେହି ଧରଣର ଉପନ୍ୟାସ ମଧ୍ୟରୁ- ଚନ୍ଦ୍ରମଣି ଦାସଙ୍କ 'ନରବଳି' କକ୍ଷ୍ମୀ ନାରାୟଣ ମହାନ୍ତିଙ୍କ 'ହରଣଚାଲ', କଣ୍ଡୁରୀ ଚରଣ ଦାସଙ୍କ 'ରକ୍ତ ତାଣ୍ଡବ', ଆଶୁତୋଷ ରାୟଙ୍କ 'ମୃତ୍ୟୁର ଡାକ', ମଦନ ମୋହନ ପଣ୍ଡାଙ୍କ 'ସପ୍ତର୍ଷିମଣ୍ଡଳରେ ବିଭ୍ରାଟ', ଗିରିଧାରୀ ମହାରଣାଙ୍କ 'ସତର୍କଘଣ୍ଟି', 'ସତର୍କ ପ୍ରହରୀ', ପରି ସତର୍କସିରିଜ ଅନ୍ୟ ଖଣ୍ଡଗୁଡ଼ିକ, ଭୂପେନ ଗୋସ୍ୱାମୀଙ୍କ 'ମାୟାଚକ୍ର', ରମେଶ ଚନ୍ଦ୍ର ମିଶ୍ରଙ୍କ 'ମୃତ୍ୟୁମଣ୍ଡପ' ଆଦି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଅନ୍ୟତମ ।

ଏହି ଧରଣର ନାମକରଣ ବିଶିଷ୍ଟ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ହିଁ ଏକ ସ୍ପଷ୍ଟ ଇଙ୍ଗିତ ରହିଥାଏ କଥାବସ୍ତୁ ମଧ୍ୟରେ ଘଟିଥିବା ବା ଘଟିବାକୁ ଯାଉଥିବା କୌଣସି ଅଘଟଣ, ବା ଅପରାଧ ଉଦ୍ଦେଶ୍ୟରେ । ଏ ଧରଣର ନାମକରଣ ଦ୍ୱାରା ସ୍ପଷ୍ଟ ଅସ୍ପଷ୍ଟର ଏକ ମାୟାଘେରା ଚିତ୍ରପଟ୍ଟ ସୃଷ୍ଟି ହୁଏ । ଯାହା ଉତ୍କଣ୍ଠା ଓ ଦ୍ୱନ୍ଦ୍ୱ ଜନ୍ମାଏ ଏବଂ ପ୍ରବାହିତ ହୋଇଚାଲେ କଥାବସ୍ତୁର ତାଳେତାଳେ ପରିସମାପ୍ତି ପର୍ଯ୍ୟନ୍ତ ।

### ୭) ଇଂରାଜୀ ନାମକରଣ-

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରଚନାର ଧାରା ଯେ ପାଶ୍ଚାତ୍ୟ ସଂଶ୍ରବଣ ହେତୁ ଉଦ୍‌ଭୁତ । ଏକଥା ସମସ୍ତଙ୍କୁ ଜଣା । ପାଶ୍ଚାତ୍ୟ ସାହିତ୍ୟରେ ରହସ୍ୟ ଉପନ୍ୟାସର ସୁବର୍ଣ୍ଣ ଯୁଗ କାଳରେ ଓଡ଼ିଆ ସାହିତ୍ୟରେ ତାହାର ଜନ୍ମ । ତେବେ ପାଠକୀୟ ରୁଚି କରାଇବା ପାଇଁ ଓ ପାଶ୍ଚତ୍ୟ ସମକକ୍ଷ ଉପନ୍ୟାସ ରଚନା କରିବାର ଚେଷ୍ଟା ଫଳରେ ଉପନ୍ୟାସର ନାମକରଣରେ ତାର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳେ । ତେଣୁ ଓଡ଼ିଆ ରହସ୍ୟ ଉପନ୍ୟାସକାରଙ୍କ ନାମକରଣ ପାଶ୍ଚତ୍ୟ ସାହିତ୍ୟ ପରି ଇଂରାଜୀରେ ହୋଇଛି । ଯେପରି- ବାସୁଦେବ ତ୍ରିପାଠୀଙ୍କ 'ବ୍ଲାକ ଫାୟାର', ଯମେଶ୍ୱର ମିଶ୍ରଙ୍କ 'ଷ୍ଟ୍ରେଞ୍ଜ 'ଟୋଗ୍ରାଫର', ସୁରେନ୍ଦ୍ର ଚୌଧୁରୀଙ୍କ 'ଡେଞ୍ଜର ସିଗନାଲ୍', କୃଷ୍ଣଚନ୍ଦ୍ର ମହାନ୍ତିଙ୍କ 'ଗୁଡ଼ବାୟ', ସଚ୍ଚିଦାନନ୍ଦ କରଙ୍କ 'ବ୍ଲାକ ମାର୍କେଟ', ମଦନ ମୋହନଙ୍କ 'ବ୍ଲଡ ଆକ୍ଟର', ପ୍ରଫୁଲ୍ଲ କୁମାର ନନ୍ଦଙ୍କ 'ଷ୍ଟ୍ରେଞ୍ଜଗାର୍ଲ', ବସନ୍ତ କୁମାର ପଟ୍ଟନାୟଙ୍କ 'ଡେଡ଼୍‌ବଡ଼ି', ଭୂପେନ ପଣ୍ଡାଙ୍କ 'ଡକ୍ଟର ଏକ୍ସ', ବୃନ୍ଦାବନ ମିଶ୍ରଙ୍କ 'ଦୋ ସୁଟ', ପି. ଦେବେନ୍ଦ୍ର ନାଥଙ୍କ 'ହାର୍ଟଫେଲ', ଗୌରାଙ୍ଗ ଅଧିକାରୀଙ୍କ 'ଆଡଭାନସ୍ ଲେଡି', ପ୍ରମୋଦ କିଶୋର ପଣ୍ଡାଙ୍କ 'ମର୍ଡର ଇନ୍ ହ୍ୟାଣ୍ଡ', 'କ୍ରାଇମି କିଙ୍ଗ', 'ଦର୍ମିଜି ମିଷ୍ଟ୍ରି', 'ଅପରେସନ୍ ଡେଥ' ଆଦି ପରି ଉପନ୍ୟାସର ନାମକୁ ଦେଖିଲେ ଏହା ଯେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବତାହା ସ୍ପଷ୍ଟ ବୁଝାପଡ଼େ ।

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରଚନାକାରମାନେ ଏହି ଧାରାକୁ ଅଧିକ ପରିପୁଷ୍ଟ, ପାଠକ ଗ୍ରାହ୍ୟ ଓ ବିଶ୍ୱ ସାହିତ୍ୟ

ଉନ୍ମୁଖ କରାଇବା ଉଦ୍ଦେଶ୍ୟରେ କରିଥିବା ଉଦ୍ୟମ ହେତୁ ଖୁବ ଅଳ୍ପକାଳ ମଧ୍ୟରେ ଏହି ଧାରାର ଉପନ୍ୟାସ ଅନେକ ପ୍ରସିଦ୍ଧି ଓ ଲୋକପ୍ରିୟତା ସାଉଁଟି ପାରିଛି ।

୮) ପ୍ରଶ୍ନସୂଚକ ନାମକରଣ-

ନାମକରଣରେ ସ୍ୱାତନ୍ତ୍ର୍ୟ ଏକ ଆକର୍ଷଣ ସୃଷ୍ଟିକରେ ଅନ୍ତସ୍ଥ କଥାବସ୍ତୁ ଜାଣିବା ପାଇଁ । ତେଣୁ ନାମକରଣରେ ସ୍ୱତନ୍ତ୍ରତା ଓ ପାଠକକୁ ଜିଜ୍ଞାସୁ କରାଇବା ଉଦ୍ଦେଶ୍ୟରେ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ ପ୍ରଶ୍ନସୂଚକ କରାଯାଇଥାଏ । ଏ ପ୍ରଶ୍ନ କେବଳ କଥାବସ୍ତୁ ଅନୁସନ୍ଧାନକାରୀ ପାଇଁ ନୁହେଁ ବରଂ ଏହି ପ୍ରଶ୍ନ ଆମ ସମସ୍ତଙ୍କ ପାଇଁ । ଆମ ଚେତନାରେ ଲୁଚି ରହିଥିବା ଗୋଇନ୍ଦାପଣ ବା ଅନୁସନ୍ଧାକାରୀକୁ ଜାଗ୍ରତ କରାଇବା ପାଇଁ ଏ ପ୍ରଶ୍ନ । ତେଣୁ ଉପନ୍ୟାସ ପଠନ କାଳରେ ପାଠକ ମଧ୍ୟ ଉତ୍ତର ଖୋଜୁଥାଏ ଏକକାଳୀନ । ଆନୁମାନିକତା ଆଗତ କଥାବସ୍ତୁ ସହ ସାମ୍ୟ ରକ୍ଷାକଲେ ପାଠକ ଆନନ୍ଦ ଲାଭ କରେ । ଉଲ୍ଲସିତ ହୁଏ ନିଜର ପାରଦର୍ଶିତାରେ ।

ତେଣୁ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଏଥିରେ ନାମକରଣ କରାଯାଇଥିବାର ନିଦର୍ଶନ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା- କାଶୀନାଥ ସାହୁଙ୍କ 'ଅଦୃଶ୍ୟ ହତ୍ୟାକାରୀ କିଏ ?', ଭୂପେନ ଗୋସ୍ୱାମୀଙ୍କ 'ସଇତାନ', ରମେଶଚନ୍ଦ୍ର ମିଶ୍ରଙ୍କ 'କିଏ ହତ୍ୟାକାରୀ' ଆଦି ।

ପ୍ରତ୍ୟେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର କଥାବସ୍ତୁରେ ପ୍ରଶ୍ନ ଉତ୍ତରର ଲୁଚକାଳି ଖେଳ ଅନ୍ତରାଳରେ ଗତି କରୁଥିଲେ ହେଁ ଗୋଟେ ବିଶେଷ ଓ ସର୍ବସାଧାରଣ ପ୍ରଶ୍ନକୁ କେନ୍ଦ୍ରକରି ଉପନ୍ୟାସର ନାମକରଣ କରାଯାଇଥାଏ । ପରିଣତି ହିଁ ନିହାତି ଥାଏ ବା ଖୋଜି ବାହାର କରାଯାଇଥାଏ ।

୯)ଭୌତିକ ନାମକରଣ-

ଓଡ଼ିଆ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସସ୍ଥ କଥାବସ୍ତୁରେ ଚିତ୍ତଚଞ୍ଚଳ ଉଦ୍‌ବେଳନ ଅନୟନ ନିମନ୍ତେ ଭୌତିକ ଚରିତ୍ର, କ୍ରିୟାକଳାପ ବା ଏକ ଅଦୃଶ୍ୟ ସତ୍ତାର ଅବତାରଣା କରାଇଥାନ୍ତି । ତାହା ଭୂତପ୍ରେତ, ଡାହାଣି ବା କୌଣସି ଅଦୃଶ୍ୟ ଶକ୍ତି ହୋଇପାରେ । ଏପରି ମଧ୍ୟ ହୋଇଥାଏ ଯେ ଦୀର୍ଘଦିନ ଧରି ଅଦୃଶ୍ୟ ଶକ୍ତି ବା ପ୍ରେତାତ୍ମା ବୋଲି ମନେକରି ଭୟ କରାଯାଉଥିବା ଚରିତ୍ର ବାସ୍ତବରେ ଏକ ଛଦ୍ମ ବେଶଧାରୀ ଅପରାଧୀ । ଯେ ନିଜକୁ ଓ ନିଜର ପ୍ରକୃତ ପରିଚୟକୁ ଲୁଚାଇବା ପାଇଁ ଭୌତିକ କାଣ୍ଡ କରୁଥାଏ । ତେବେ ଏପରି କଥାବସ୍ତୁ ସମ୍ବଳିତ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ କେତେକ କ୍ଷେତ୍ରରେ ନାମକରଣ ମଧ୍ୟ ଭିନ୍ନ ପ୍ରକାରର ରଖାଯାଇଥାଏ । ଯେପରି- ଯମେଶ୍ୱର ମିଶ୍ରଙ୍କ 'ଭୌତିକ ରଙ୍ଗମଞ୍ଚ', ଆଶୁତୋଷ ରାୟଙ୍କ 'ପ୍ରେତାତ୍ମାର ପ୍ରତିହିଂସା', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ପ୍ରେତପୁରୀରର ଚିଠି', ଗୁଇନ୍ଦା ସାହେବଙ୍କ 'ଭୂତକୋଠୀର ତାଣ୍ଡବ', 'ମାନବପୁରୀର ଭୂତ', ଗିରିଧାରୀ ମହାରଣଙ୍କ 'ପ୍ରେତପୁରୀର ଚକ୍ରାନ୍ତ', ନାରାୟଣ ଚନ୍ଦ୍ର ଶତପଥୀଙ୍କ 'ଅତୃପ୍ତ ଆତ୍ମା', 'ପ୍ରେତର ପ୍ରତିହିଂସା', 'ପ୍ରେତ କନ୍ୟାର ଦୀର୍ଘଶ୍ୱାସ', ବଂଶୀଧର ଓଝାଙ୍କ 'ପ୍ରେତିନୀର ଶେଷ ଇଚ୍ଛା' ଆଦି ଉପନ୍ୟାସ ।

ଏହି ଧରଣର ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ କଥାବସ୍ତୁ ଗତି କରିବା ଦିଗରେ କୌଣସି ପ୍ରେତାତ୍ମାର ଭୌତିକ କ୍ରିୟାକଳାପ ବା ଅଦୃଶ୍ୟ ଏକ ଚରିତ୍ରର କାରସାଦୀ ପାଠକକୁ ବିସ୍ମିତ କରେ । ଅପରାଧ ଘଟେ ମାତ୍ର ଅପରାଧୀ ସଶରୀର ହେଲେ ଅନୁସନ୍ଧାନ ଓ ଦଣ୍ଡ ବିଧାନ ହୋଇପାରିବ । ମାତ୍ର ଅପରାଧୀ ଯେତେବେଳେ ଅଦୃଶ୍ୟ ଅଶରୀରି ହୁଏ ସେ ପରିପ୍ରେକ୍ଷୀରେ କାହାଣୀ ଅଧିକ ରୋମାଞ୍ଚକ ଓ ଭୀତସଂକୁଳ ପରିସ୍ଥିତି ଉପୁଜାଇବାରେ ସଫଳହୁଏ ।

୧୦) ଉତ୍ସମୂଳକ ନାମକରଣ-

ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସରେ ଦୁର୍ଘଟଣା ବା ଅପରାଧ ଘଟି ସାରିବା ପରେ ଦୋଷୀ ଅସଚେତନତାରେ ଛାଡ଼ି ଯାଇଥିବା ବା ଅନୁସନ୍ଧାନ ପରେ ହସ୍ତଗତ ହୋଇଥିବା ଅଥବା ଅନୁସନ୍ଧାନକାରୀ ବୌଦ୍ଧିକ ଚାତୁର୍ଯ୍ୟ ଓ ପାରଦର୍ଶିତାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ଛାଡ଼ି ଯାଇଥିବା ଉତ୍ସକୁ ଆଧାର କରି ଅପରାଧୀ ନିକଟରେ ପହଞ୍ଚିବାର ଚେଷ୍ଟା କରାଯାଏ । ତେବେ ଏହି ଛୋଟ ଛୋଟ ଉତ୍ସର ଖିଅ ଯୋଡ଼ି ମୁଖ୍ୟ ଅପରାଧୀକୁ ଆବିଷ୍କାର କରିବାର ଉଦ୍‌ବେଗ ଜନକ କାହାଣୀ ବେଶ ସୁଖପାଠ୍ୟ । କେତେକ ଉପନ୍ୟାସର କଥାବସ୍ତୁ ଏହିସବୁ ଉତ୍ସଗୁଡ଼ିକୁ ନେଇ ଅଗ୍ରଗତି କରେ ।ଏହି ଉତ୍ସ ବା ଉପାଦାନ ଗୁଡ଼ିକୁ ପରିହାର କଲେ ଉପନ୍ୟାସ ତାର ଚମତ୍କାରିତା ହରାଇ ବସିବ । କାହାଣୀରେ ଏ ଉତ୍ସଗୁଡ଼ିକ ଉପାଦାୟତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେପରି- କସ୍ତୁରୀ ଚରଣ ଦାସଙ୍କ 'ଲାଲସିରିଜ'ର ପ୍ରଥମ ପର୍ଯ୍ୟାୟରେ ଲାଲ୍‌ମହଲକୁ ଲକ୍ଷ୍ୟ କରାଯାଇଛି । ସେଥିରେ ଘଟିତ ସମସ୍ତ କ୍ରିୟାକୁ ପର୍ଯ୍ୟବେକ୍ଷଣ କରାଯାଇଥିବାରୁ ପ୍ରଥମ ଖଣ୍ଡର ନାମକରଣ ହୋଇଛି 'ଲାଲମହଲ' । ସେଠାରୁ ଲାଲ ପରି ବିଷୟର ସୂଚନା ମିଳିଛି । ଲାଲପରୀକୁ ଖୋଜୁ

ଖୋଜୁ ମିଳିଛି ଲାଲ ସଂକେତ । ଏହିପରି ଗୋଟିଏ ସଂକେତର ଅନୁସନ୍ଧାନ କରୁ କରୁ ଦୃଷ୍ଟିଗୋଚର ହୋଇଛି ଅନ୍ୟ ଗୋଟିଏ ସଂକେତ । ପୁଣି ତାହାକୁ କେନ୍ଦ୍ରକରି କଥାବସ୍ତୁ ଗତି କରିଛି । ପରେ ଅପରାଧୀ ଧରାପଡ଼ିଛି । ତେଣୁ ପ୍ରତ୍ୟେକ ଖଣ୍ଡରେ ଯେଉଁ ସଂକେତକୁ କଥାବସ୍ତୁ ଗତିକରିଛି ସେହି ଅନୁସାରେ ଉପନ୍ୟାସର ନାମକରଣ ସେହି ଅନୁରୂପ ହୋଇଛି । ଯଥାକ୍ରମେ – 'ଲାଲମହଲ', 'ଲାଲପରୀ', 'ଲାଲ ସଂକେତ', 'ଲାଲମୁସାଫିର', 'ଲାଲମଙ୍କଡ଼ସା', 'ଲାଲ ଫିତା', 'ଲାଲମୋହର' ପରି ନାମକରଣ ହୋଇଛି ।

ଏପରି ସ୍ଥିତିରେ ଔପନ୍ୟାସିକ କଥାବସ୍ତୁରେ ଉଲ୍ଲେଖିତ ଉତ୍ସକୁ କେନ୍ଦ୍ରକରି ଉପନ୍ୟାସର ନାମକରଣ କରିଥାନ୍ତି । ସେହି ଉତ୍ସକୁ କେନ୍ଦ୍ରକରି କଥାବସ୍ତୁର ସମଗ୍ର ଅନୁସନ୍ଧାନ କରାଯାଇଥାଏ । ସେହି ଧରଣ ଅନ୍ୟ କେତୋଟି ଉପନ୍ୟାସ ହେଉଛି– ବାସୁଦେବ ମିଶ୍ରଙ୍କ 'ତମ୍ବା ମୁଦି ରହସ୍ୟ', ଦ୍ୱାରିକାନାଥ ଦାସଙ୍କ 'ରକ୍ତ କୁସୁମ', ଭୂପେନ ଗୋସ୍ୱାମୀଙ୍କ 'ନାଗମଣି', ଯୋଗେନ୍ଦ୍ର କୁମାର ମହାନ୍ତିଙ୍କ 'ଦୁଇଧାର ରକ୍ତ', ଚିନ୍ତାମଣି ଜେନାଙ୍କ 'ରକ୍ତ କଇଁ', ରମେଶ ଚନ୍ଦ୍ର ମିଶ୍ରଙ୍କ 'ରକ୍ତ କମଳ', ପ୍ରମୋଦ କିଶୋର ପଣ୍ଡାଙ୍କ 'କାଳିଗଡ଼ର କ୍ୟାପସୁଲ', 'ଡାଇମଣ୍ଡ ନେକଲେସ୍', ଭୂପେନ ଗୋସ୍ୱାମୀଙ୍କ 'ପ୍ରେମର କଙ୍କଣ', 'ବିଷାକ୍ତ ଚକଲେଟ୍', ରମେଶ ଚନ୍ଦ୍ର ମିଶ୍ରଙ୍କ 'ଲାଲ ବୁର୍ଖାର ମାଲିକ', ବିଜୟ କୁମାର ରଣାଙ୍କ 'ତୋନୋଟି ରତ୍ନ' ଆଦି ।

**୧୧) ରଙ୍ଗ ଆଧାରିତ ନାମକରଣ–**

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅନ୍ୟ କେତେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ ଯାହା ବାସ୍ତବିକ ଆଲୋଚନା ଯୋଗ୍ୟ । କେତେକ ଉପନ୍ୟାସରେ ନାମକରଣ କୌଣସି ନିର୍ଦ୍ଦିଷ୍ଟ ରଙ୍ଗକୁ ନେଇ କରାଯାଇଥାଏ । କେତେକ କ୍ଷେତ୍ରରେ ଏ ରଙ୍ଗର ସଂପୃକ୍ତି ସିଧାସଳଖ କାହାଣୀ ସହ ଥାଇପାରେ ବା ନ ଥାଇପାରେ । ମାତ୍ର ପରୋକ୍ଷ ସଂପୃକ୍ତି ନିଶ୍ଚିତ ରହେ । ସାଧାରଣତଃ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଚାରି ପ୍ରକାରର ରଙ୍ଗକୁ ଆଧାରକରି ନାମକରଣ କରାଯାଇଥିବାର ଦେଖିବାକୁ ମିଳେ । ସେଗୁଡ଼ିକ ହେଲା– ଲାଲ, ନୀଳ, କଳା, ସୁବର୍ଣ୍ଣ ।

**କ) ଲାଲ–** ଲାଲ ରଙ୍ଗକୁ କେତେକ କ୍ଷେତ୍ରରେ ପ୍ରେମର ରଙ୍ଗ ଗ୍ରହଣ କରାଯାଏ । ମାତ୍ର ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ମୁନିଙ୍କ ମତ ଅନୁସାରେ ରସ ଗୁଡ଼ିକର ଗୋଟିଏ ଗୋଟିଏ ବର୍ଣ୍ଣ ରହିଛି । ପ୍ରାଚ୍ୟ ସାହିତ୍ୟତତ୍ତ୍ୱରେ ରସ ପ୍ରସଂଗ ଆଲୋଚନା କାଳରେ ବର୍ଣ୍ଣଚର ବିଚାର ମଧ୍ୟ ଆସିଥାଏ । ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ ଅନୁସାରେ ଲୋହିତ ବା ଲାଲରଙ୍ଗ ହେଉଛି ରୌଦ୍ର ରସର ପ୍ରତୀକ । ରକ୍ତ ବର୍ଣ୍ଣ ଅନେକାଂଶରେ ଦ୍ୱେଷ, ତିରସ୍କାର, କ୍ରୋଧ, ଉତ୍ତେଜନା, ଯୁଦ୍ଧ, ଲୋମହର୍ଷଣକାରୀ ସଂଘର୍ଷର ସୂଚକ ଭାବରେ ବ୍ୟବହାର କରାଯାଇଛି । ଏହାର ପ୍ରୟୋଗ ପ୍ରଗତିବାଦୀ କାଳିନ ସାହିତ୍ୟରେ ଅଧିକ ଦେଖିବାକୁ ମିଳେ । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ପ୍ରବଣତା ଯୁକ୍ତ ଘଟଣାଗୁଡ଼ିକ କଥାବସ୍ତୁ ଆକାରରେ ବ୍ୟକ୍ତ କରାଯାଉଥିବାରୁ ହୁଏତ ରକ୍ତ ବର୍ଣ୍ଣ ଅଧିକ ଗୁରୁତ୍ୱ ଲଭିଛି । ଏହା ହୋଇପାରେ ପ୍ରଗତିବାଦୀ ସାହିତ୍ୟର ପ୍ରଭାବ । କାରଣ ଉକ୍ତ କାଳଖଣ୍ଡରେ ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ଧାରା ଲୋକପ୍ରିୟତାର ଶିଖରରେ ଥିଲା । ତେଣୁ କେତେକ ଉପନ୍ୟାସର ନାମକରଣ ଲାଲବର୍ଣ୍ଣକୁ ଆଧାର କରି କରାଯାଇଛି । ଯେପରି – ପ୍ରହଲ୍ଲାଦ ଜେନାଙ୍କ 'ଲାଲମହଲ', ରାଧାଗୋବିନ୍ଦ ପଟ୍ଟନାୟକଙ୍କ 'ଲାଲ ଦସ୍ୟୁ', ନଗେନ୍ଦ୍ରନାଥ ନନ୍ଦଙ୍କ 'ଲାଲ ସମାଧି', ରମେଶ ଚନ୍ଦ୍ର ମଲ୍ଲିକଙ୍କ 'ଲାଲବୁର୍ଖାର ମାଲିକ', ଭୂପେନ ଗୋସ୍ୱାମୀଙ୍କ 'ଲାଲ ବୁଲେଟ', ପ୍ରମୋଦ କିଶୋର ପଣ୍ଡାଙ୍କ 'ଲାଲକୋଠି', 'ଲାଲ ପୁରୀ' ଆଦି ଉପନ୍ୟାସ । ଏତଦ୍ ବ୍ୟତୀତ କସ୍ତୁରୀ ଚରଣ ଦାସଙ୍କ 'ଲାଲସିରିଜ'ର ଉପନ୍ୟାସଗୁଡ଼ିକର ନାମକରଣ ଲାଲକୁ କେନ୍ଦ୍ରକରି ହୋଇଛି ।

**ଖ) ନୀଳ–** ନୀଳରଙ୍ଗ ଶାନ୍ତି, ସ୍ଥିରତା, ପ୍ରେରଣାମୟୀ, ବିଶ୍ୱାସନୀୟତାର ଓ ଶୃଙ୍ଗାରିକତାର ପ୍ରତୀକ ଭାବରେ ଗ୍ରହଣ କରାଯାଉଛି । ତେବେ ପ୍ରାଚ୍ୟ ସାହିତ୍ୟତତ୍ତ୍ୱବିତ୍ ମାନଙ୍କ ମତରେ ବିଭତ୍ସ ରସର ପ୍ରତୀକ ବର୍ଣ୍ଣ ହେଉଛି ନୀଳ । ଏହାର ଅଧିଦେବତା ହେଉଛନ୍ତି ମହାକାଳ । ଗଳିତ ମଳିତ ଦୁର୍ଗନ୍ଧଯୁକ୍ତ ମାଂସ, ରକ୍ତ ଆଦି ଏହାର ଅଲମ୍ବନ ବିଭବ । ଅତଏବ ମନରେ ଜାତ ଘୃଣାରୁ ଏହି ରସର ଉଦ୍ଭବ ଘଟିଥାଏ । ତେଣୁ ନୀଳବର୍ଣ୍ଣ ରକ୍ତାକ୍ତ, ଘୃଣା ଓ ବିଭତ୍ସତାକୁ ବ୍ୟକ୍ତ କରେ । ତେଣୁ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ବିଭତ୍ସ କାଣ୍ଡ, ହତ୍ୟା ଆଦିକୁ ଆଧାର କରି କଥାବସ୍ତୁ ରଚିତ ହେଉଥିବାରୁ କେତେକ ଉପନ୍ୟାସର ନାମକରଣ ଉକ୍ତ ବର୍ଣ୍ଣ ଅନୁସାରେ ରଖାଯାଇଛି । ତେବେ କେତେକ ଉପନ୍ୟାସସ୍ଥ କଥାବସ୍ତୁରେ ନୀଳ ଆଲୋକର ପ୍ରୟୋଗ ହତ୍ୟା କାଳରେ ବା ଏକ ବିଶେଷ ସମୟରେ ପ୍ରୟୋଗ ହୋଇଥିବାର ଦେଖାଯାଏ । ତେଣୁ ମଧ୍ୟ ନାମକରଣ ଉକ୍ତ ବର୍ଣ୍ଣ ଅନୁଯାୟୀ ହୋଇଥାଏ । ଯେପରି– କସ୍ତୁରୀଚରଣ ଦାସଙ୍କ 'ନୀଳ ନୀଳୟ', ଜଗନ୍ନାଥ ରଥଙ୍କ 'ନୀଳକୋଠୀରେ ବନ୍ଦୀ', ଯମେଶ୍ୱର ମିଶ୍ରଙ୍କ 'ନୀଳ ରାତିର

ଉଲ୍‌କା', ଗୁଇନ୍ଦା ସାହେବଙ୍କ 'ନୀଳ ଦରିଆର ଟାପୁ', ପ୍ରମୋଦ କୁମାର ରଥଙ୍କ 'ନୀଳ ବନରେ ଖୁନ୍', ରମେଶ ଚନ୍ଦ୍ର ମିଶ୍ରଙ୍କ 'ନୀଳ କଙ୍କାଳ', 'ନୀଳ ଆଲୋକରେ ହତ୍ୟା', ଆଶୁତୋଷ ରାୟଙ୍କ 'ନୀଳ ଦର୍ପଣ', ରାଜେନ୍ଦ୍ର ବର୍ମାଙ୍କ 'ନୀଳକୋଠୀର ସାହଜାଦୀ', ବିଜୟ କୁମାର ରଣାଙ୍କ 'ନୀଳ ପରୀର ମୃତ୍ୟୁ', 'ନୀଳବନର ନାଗୁଣୀ' ଆଦି ଅନ୍ୟତମ ।

**ଗ) କଳା-** କଳାବର୍ଣ୍ଣ ଏକ ବିପରୀତ ଉର୍ଜାର ପ୍ରତୀକ । ଏହା ଭୟ, ରହସ୍ୟ, ଔପଚାରିକତା, ଆସୁରିକତା, ମୃତ୍ୟୁ ଆଦିକୁ ସୂଚିତ କରେ । କୌଣସି ଘଟଣା ଦୃଶ୍ୟ ବା ଶ୍ରାବ୍ୟ ହେବା ଦ୍ୱାରା ମନରେ ଜାତ ଭୟରୁ ଭୟାନକ ରସର ଉତ୍ପତ୍ତି ହୋଇଥାଏ । ରସବାଦୀମାନଙ୍କ ମତରେ ଭୟାନକ ରସର ଅଧିଦେବତା ହେଉଛନ୍ତି ଭୂତପ୍ରେତ । ଏହାର ବର୍ଣ୍ଣ କୃଷ୍ଣବର୍ଣ୍ଣ । ସମସ୍ତ ଅପକର୍ମ ପ୍ରାୟତଃ ଅନ୍ଧକାରରେ ହିଁ ହୋଇଥାଏ । ଏଥିପାଇଁ କୃଷ୍ଣବର୍ଣ୍ଣ ଶ୍ରବଣ ମାତ୍ରକେ ଏକ ପ୍ରତିକୂଳ ବା ଅପକର୍ମର ଆଭାସ ମିଳେ । ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ଅପରାଧ ପ୍ରବଣତା ତଥା ଭୂତପ୍ରେତ ପରି ଭୌତିକ କଥାବସ୍ତୁ ସ୍ଥାନ ଅଧିକାର କରୁଥିବାରୁ କୃଷ୍ଣବର୍ଣ୍ଣ ଆଲୋଚନାର ପର୍ଯ୍ୟାୟବାଚୀ ହେବା ଅସ୍ୱାଭାବିକ ନୁହେଁ । ମାତ୍ର ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣ କ୍ଷେତ୍ରରେ ମଧ୍ୟ ଉକ୍ତ ବର୍ଣ୍ଣ ଗ୍ରହଣ କରାଯାଇଥିବାର ଦେଖିବାକୁ ମିଳେ । ଯଥା- ଉପେନ୍ଦ୍ର ନାଥ ଘୋଷଙ୍କ 'କଳାରାତିର ସର୍ଦ୍ଦାର', ମହେଶ୍ୱର ରାଉତଙ୍କ 'ଚମ୍ବଲର କଳାଘୋଡ଼ା', ବିଜୟ କୁମାର ରଣାଙ୍କ 'କଳାଘୋଡ଼ା ରହସ୍ୟ', ଶୁସାନ୍ତ କୁମାର ମଲ୍ଲିକଙ୍କ 'ବ୍ଲାକ ଡ୍ରାଗନ' ଆଦି ଉପନ୍ୟାସର ନାମକରଣ ତତ୍ ପର୍ଯ୍ୟାୟବାଚୀ ।

**ଘ) ସୁବର୍ଣ୍ଣ-** ସାମ୍ରାଜ୍ୟ ଓ ଐଶ୍ୱର୍ଯ୍ୟର ସୂଚକ ହେଉଛି ସୁବର୍ଣ୍ଣ ରଙ୍ଗ । ଅତ୍ୟାଧିକ, ଚାକଚକ୍ୟ, ବ୍ୟର୍ଥ ଖର୍ଚ୍ଚ, ଧନାଢ୍ୟ, ଚମତ୍କାର ଓ କାଞ୍ଚନିକତାର ପରିବ୍ୟକ୍ତ କରିଥାଏ ସୁବର୍ଣ୍ଣ ରଙ୍ଗ । ଏହା ହେଉଛି ମାୟା ଓ ଛଳନାର ରଙ୍ଗ । ମାତ୍ର ପ୍ରାଚ୍ୟ ସାହିତ୍ୟତତ୍ତ୍ୱବିତ୍ ମାନଙ୍କ ମତରେ ବୀରରସର ବ୍ୟକ୍ତ ବର୍ଣ୍ଣ ହେଉଛି ସୁବର୍ଣ୍ଣରଙ୍ଗ । ଯାହାର ଅଧିଦେବତା ହେଉଛନ୍ତି ସ୍ୱୟଂ ଦେବରାଜ ଇନ୍ଦ୍ର । ଉତ୍ସାହ ଏହାର ସ୍ଥାୟୀ ଭାବ । ତେବେ ଏହି ମାୟାର ଶିକାର ହୋଇ ପ୍ରଲୋଭିତ ବ୍ୟକ୍ତି ଅପରାଧ କରେ । ତେଣୁ ଏପରି କଥାବସ୍ତୁକୁ ନେଇ ରଚିତ କେତେକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ନାମକରଣରେ ଏହି ବର୍ଣ୍ଣର ପ୍ରାଧାନ୍ୟ ଦେଖିବାକୁ ମିଳେ । ଯେପରି – ରମାକାନ୍ତ ମିଶ୍ରଙ୍କ 'ସୁନେଲି ମାୟା', ଭୂପେନ ଗୋସ୍ୱାମୀଙ୍କ 'ଗୋଲଡ଼େନ ପ୍ରିନସ୍', ପ୍ରମୋଦ କିଶୋର ପଣ୍ଡାଙ୍କ 'ଗୋଲଡ଼େନ ରକେଟ୍', ଗିରିଧାରୀ ମହାରଣାଙ୍କ 'ସୁବର୍ଣ୍ଣ କଙ୍କଣ' ଆଦି ଉକ୍ତ ପର୍ଯ୍ୟାୟବାଚୀ ।

**୧୨) କାବ୍ୟିକ ନାମକରଣ-**

ଓଡ଼ିଆ ରହସ୍ୟରୋମାଞ୍ଚଧର୍ମୀକେତେକ ଉପନ୍ୟାସର ନାମକରଣରେ କାବ୍ୟିକତା ପରିଲକ୍ଷିତ ହୋଇଥାଏ । ଏହା ନାମକରଣ ଦିଗରେ ସ୍ୱାତନ୍ତ୍ର ସୃଷ୍ଟି କରୁଥିବା ବେଳେ ପାରମ୍ପାରିକ ରହସ୍ୟ ରୋମାଞ୍ଚଧର୍ମୀ ଉପନ୍ୟାସ ନାମକରଣର ଧାରାରେ ଭିନ୍ନତା ପ୍ରଦର୍ଶନ କରେ । ନାମକରଣରେ ନିଯୁକ୍ତ ଶକ୍ତି ମଧ୍ୟରେ ପ୍ରବାହିତ ଲାଳିତ୍ୟ ଓ ଉଚ୍ଚାରିତ ବ୍ୟଞ୍ଜନ ପ୍ରତ୍ୟାଶା ହିଁ କାବ୍ୟିକତା ବ୍ୟକ୍ତକରେ । ଯାହା ଏକ କାବ୍ୟଗତ ଛାଟକୁ ବ୍ୟକ୍ତ କରେ । ଯେପରି- ରମେଶ ଚନ୍ଦ୍ର ମିଶ୍ରଙ୍କ 'ଥରେ ହେଲେ କହିଯାଅ', ଭୂପେନ ଗୋସ୍ୱାମୀଙ୍କ 'ମୁଁ ମହାକାଳ, ମୁଁ ଦୁର୍ବାର', 'ପଳାଶ ଫୁଲର ଚିତାବାଘ', ଆଶୁତୋଷ ରାୟଙ୍କ 'ତିଷାର ସମାଧି ତଳେ', 'ଅଭିନେତ୍ରୀର ଶେଷରାତ୍ରି', ପ୍ରମୋଦ କିଶୋର ପଣ୍ଡାଙ୍କ 'ଜଳନ୍ତା ରାତ୍ରିର ଚଳନ୍ତା ଛାଇ', ବିଜୟ କୁମାର ରଣାଙ୍କ 'ଦୁଇଟି ଭିନ୍ନ ସଂଳାପ', କୈଳାଶ ତ୍ରିପାଠୀଙ୍କ 'ଅନ୍ଧଗଳିର ରାଜା' ଆଦି ଏହି ଧରଣର ଉପନ୍ୟାସ । ଉପନ୍ୟାସର କଥାବସ୍ତୁ ବର୍ଣ୍ଣନାରେ କାବ୍ୟିକତା ବା ଲାଳିତ୍ୟ ନଥିଲେ ହେଁ ପାଠକୀୟ ଆକର୍ଷଣ ସୃଷ୍ଟି ନିମନ୍ତେ ହୁଏତ ଏପରି ନାମକରଣ କରାଯାଇଛି ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ବିଶ୍ୱଭାରତୀ ଶାନ୍ତିନିକେତନ,
ପଶ୍ଚିମବଙ୍ଗ-୭୩୧୨୩୫
ଦୂରଭାଷ : ୭୦୬୪୫୧୫୭୬୪